**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା,**

(ଜରୁରୀ କାଳୀନ ଶାଖା)

ଦୁରଭାଷ:- ୦୬୭୨୭,୨୩୨୮୦୩,/ ୨୨୦୦୦୪, ଦେୟମୁକ୍ତ ନମ୍ବର:- ୧୦୭୭

ବିଜ୍ଞାପନ ପତ୍ର ସଂଖ୍ୟା :- ୧୨୦୪ ତା,- ୨୯.୫.୧୯

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୧୯ ମସିହା ରେ ବନ୍ୟା ସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ ୫ (ପାଞ୍ଚ) ଗୋଟି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ୬ (ଛଅ) ଗୋଟି ଅସ୍ଥାୟୀ ଖଲାସୀ ସ୍ଥାନ ପୂରଣ ପାଇଁ Walk-in-Interview ଅନୁଷ୍ଠିତ କରାହେବ | ମନୋନୀତ ପ୍ରାର୍ଥୀ ଙ୍କୁ ମାସିକ ଯଥା କ୍ରମେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଟ. ୮୮୮୦ /-(ଆଠ ହଜାର ଆଠ ଶହ ଅଶି ) ଓ ଅସ୍ଥାୟୀ ଖଲାସୀ ଟ. ୮୦୭୦/-(ଆଠ ହଜାର ଶତୁରି ) ଟଙ୍କା ପାରିଶ୍ରମିକରେ ତା ୩୦.୧୧.୨୦୧୯ ରିଖ ପର୍ଯ୍ୟନ୍ତ ନିଯୁକ୍ତ କରାଯିବ । ଉକ୍ତ ପଦବୀ ମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ ପାରିଶ୍ରମିକ ବ୍ୟତୀତ ମହଙ୍ଗା ଭତ୍ତା କିମ୍ବା ଅନ୍ୟ କୌଣସି ଭତ୍ତା ଦିଆଯିବ ନାହିଁ ।

ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଅସ୍ଥାୟୀ ବୋଟ ଖଲାସୀ ପଦବୀ ପାଇଁ ପ୍ରାର୍ଥୀମାନେ ସପ୍ତମ ଶ୍ରେଣୀ ପାସ କରିଥିବେ ଏବଂ ବୟସ ତା ୦୧-୦୬-୨୦୧୯ ସୁଦ୍ଧା ୧୮ ବର୍ଷରୁ ୫୯ବର୍ଷ ୬ମାସ ମଧ୍ୟରେ ହୋଇଥିବ ।

ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଇଚ୍ଛୁକ ପ୍ରାର୍ଥୀ ମାନଙ୍କର ଅନ୍ୟୁନ ଦ୍ୱିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଂ ପ୍ରମାଣପତ୍ର ଥିବା ଆବଶ୍ୟକ।

ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପଦବୀ ପ୍ରାର୍ଥୀ ମାନଙ୍କ ପାଇଁ ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ବୈଷୟିକ ପରୀକ୍ଷା କରାଯିବ ଏବଂ ଉକ୍ତ ବୈଷୟିକ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

ଅସ୍ଥାୟୀ ବୋଟ ଖଲାସୀ ପାଇଁ ନୂତନ ଭାବେ ଆବେଦନ କରୁଥିବା ପ୍ରାର୍ଥୀଙ୍କର କୌଣସି ସରକାରୀ କ୍ରିଉ ଟ୍ରେନିଂ ଅନୁଷ୍ଠାନରୁ ଅନ୍ୟୁନ ୩ ମାସ କ୍ରିଉ ଟ୍ରେନିଂ ପାଇଥିବା ପ୍ରମାଣପତ୍ର ଥିବା ଆବଶ୍ୟକ। କିନ୍ତୁ ପୂର୍ବରୁ ଉକ୍ତ ପଦବୀରେ ଷ୍ଟେଟ ପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ କାର୍ଯ୍ୟ କରିଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ମନୋନୟନ ରେ ପ୍ରାଧାନ୍ୟ ଦିଆଯିବ ।

P.T.O.

ସମସ୍ତ ପ୍ରାର୍ଥୀ ସରକାରୀ ଡ଼ାକ୍ତରଙ୍କ ଠାରୁ ସୁସ୍ଥତା ପ୍ରମାଣପତ୍ର ଦାଖଲ କରିବେ। ସମସ୍ତ ପ୍ରାର୍ଥୀ ମାନଙ୍କର ୨୦ (କୋଡିଏ) ମିନିଟ୍ ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ ପହଁରିବାର ଦକ୍ଷତା ଥିବା ଅବଶ୍ୟକ । ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା, ପହଁରା ପରୀକ୍ଷା କରାଯିବ ଅସ୍ଥାୟୀ ନିଯୁକ୍ତି ନିମନ୍ତେ ଉକ୍ତ ପରୀକ୍ଷାରେ ପ୍ରାର୍ଥିମାନଙ୍କୁ ପାସ କରିବାକୁ ପଡିବ ଉକ୍ତ ପରୀକ୍ଷା ପୂର୍ବରୁ ସମସ୍ତ ପ୍ରାର୍ଥୀ ଏକ ଘୋଷଣାପତ୍ରରେ ଉଲ୍ଲେଖ କରିବେ ଯେ ସେମାନେ ୨୦ ମିନିଟ ଲଗାତର ପହଁରି ପାରିବେ ଏବଂ କୌଣସି ଦୁର୍ଘଟଣାହେଲେ ନିଜେ ଦାୟୀ ରହିବେ ।

ନିର୍ଦ୍ଧାରିତ ବୟସ ସୀମା ମଧ୍ୟରେ ଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦିଆଯିବ ।

ନିଯୁକ୍ତି ପାଇଁ ଆଶାୟୀ ପ୍ରାର୍ଥୀ ଉପରଲିଖିତ ପ୍ରମାଣପତ୍ର ଗୁଡିକର ନକଲ ସହ ସେମାନଙ୍କ ଦରଖାସ୍ତ **ତା.୦୬ .୦୯ .୨୦୧୯ରିଖ ପୁର୍ବାହ୍ନ ୧୦ ଘଟିକା ସମୟରେ** ମାର୍ଶାଘାଇ ଲଂଚ୍ ଘାଟଠାରେ ଉପସ୍ଥିତ ରହି ବୈଷୟିକ ପରୀକ୍ଷା ଓ **ସନ୍ତରଣ ପରୀକ୍ଷାରେ** ଭାଗ ନେଇପାରିବେ ଓ **ତା. ୦୭ .୦୯ .୨୦୧୯** ରିଖରେ ସାକ୍ଷାତକାର ଓ ପ୍ରମାଣପତ୍ର ତନଖି ଅତିରିକ୍ତ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟ ପ୍ରକୋଷରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ ଏବଂ ଏଥିପାଇଁ ପ୍ରାର୍ଥିମାନଙ୍କୁ ଆଉ ପୁନର୍ବାର ଜଣାଇ ଦିଆଯିବନାହିଁ ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୨୦୧....../ତା...୨୮.୫.୧୨

ଏହାର ଏକକିତା ନକଲ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୨୧୦......../ତା...୨୮.୫.୧୨

ଏହାର ଏକକିତା ନକଲ ସମସ୍ତ ତହସିଲଦାର/ ମଣ୍ଡଳ ଉନ୍ନୟନ ଅଧିକାରୀ/ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାକୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବାପାଇଁ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୨୧୧........../ତା...୨୮.୫.୧୨

ଏହାର ନକଲ ଷ୍ଟେଟ୍‌ପୋଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା । ବୈଷୟିକ ପରୀକ୍ଷା ଓ ସାକ୍ଷାତକାର **ପରୀକ୍ଷା** ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ନିଜେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୯୧୨....../ତା.........୨୯.୫.୧୭

ଏହାର ନକଲ ସ୍ୱତନ୍ତ୍ର ରିଲିଫ୍ କମିଶନର ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୯୧୩....../ତା......୨୯.୫.୧୭

ଏହାର ନକଲ ଡି.ଆଇ.ଓ.ଏନ୍.ଆଇ.ସି. କେନ୍ଦ୍ରାପଡ଼ାଙ୍କୁ ପ୍ରରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ନୋଟିସ୍‌କୁ ତାଙ୍କର **Web Site** ରେ ସର୍ବସାଧାରଣଙ୍କ ଜ୍ଞାତସାର ନିମନ୍ତେ ପ୍ରକାଶନ କରିବେ ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା......୧୯୧୪......../ତା......୨୯.୫.୧୭

ଏହାର ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କେନ୍ଦ୍ରାପଡ଼ାଙ୍କୁ ପ୍ରରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ବିଜ୍ଞପ୍ତି କୁ ସଂକ୍ଷିପ୍ତ କରି ବିସ୍ତୃତ ପ୍ରଚାର ହେଉଥିବା ସମ୍ବାଦ ପତ୍ର ରେ ପ୍ରକାଶନ କରିବେ ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା